## ଏହି ରିପୋର୍ଟ ସିରିଜ୍ ବିଷୟରେ

ଏହି ରିପୋର୍ଟ ଅଣ-ନ୍ୟାୟିକ ମାନବାଧିକାର ସମାଧାନ ବ୍ୟବସ୍ଥା ପ୍ରକଳ୍ପ (ନନ୍-ଜୁଡିସିଆଲ୍ ହ୍ୟୁମାନ୍ ରାଇଟ୍ସ ରେଡ୍ରେସ୍ ମେକାନିଜିମ୍ ପ୍ରୋଜେକ୍ଟ)ଦ୍ୱାରା ପ୍ରସ୍ତୁତ ଏକ ସିରିଜ୍‌ର ଅଂଶବିଶେଷ ଅଟେ, ଯାହା ପାଂଚ ବର୍ଷର ଗବେଷଣାର ନିଷ୍କର୍ଷରୁ ଆସିଛି। ଏହାର ତଥ୍ୟ ଗବେଷଣାରେ ଅନ୍ତର୍ଭୁକ୍ତ କେସ୍ ଷ୍ଟଡିଜ୍ ଏବଂ ୧,୧୦୦ ବ୍ୟକ୍ତିବିଶେଷଙ୍କ ସମେତ ସାରା ଦେଶରେ ୫୮୭ରୁ ଅଧିକ ସାକ୍ଷାତକାରକୁ ନେଇ ଆଧାରିତ ଅଟେ। ଅଣ-ନ୍ୟାୟିକ ସମାଧାନ ବ୍ୟବସ୍ଥା ଅଭିଯୋଗଗୁଡ଼ିକ ଗ୍ରହଣ ଓ ଅଭିଯୋଗରେ ମଧ୍ୟସ୍ଥତା କରେ, କିନ୍ତୁ ଆଇନଗତ ଭାବେ ମୀମାଂସା କରିବା ପାଇଁ ଏହା କ୍ଷମତାସଂପନ୍ନ ନୁହେଁ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ବହୁରାଷ୍ଟ୍ରୀୟ ବ୍ୟବସାୟ କାର୍ଯ୍ୟକଳାପ ସମ୍ବନ୍ଧିତ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ଉପରେ ଏହି ବ୍ୟବସ୍ଥାର ପ୍ରଭାବକାରିତାକୁ ବିଶ୍ଳେଷଣ କରିବା। ଏହା ଏପରି ଭାବେ ଶିକ୍ଷାଦାନ ଓ ସୁପାରିସ ଉପସ୍ଥାପନ କରେ :

- ଅଣ-ନ୍ୟାୟିକ ବ୍ୟବସ୍ଥାଗୁଡ଼ିକ ବିପଦଗ୍ରସ୍ତ ସଂପ୍ରଦାୟ ଓ କର୍ମଚାରୀମାନଙ୍କର ସମାଧାନ ଓ ନ୍ୟାୟ ପ୍ରଦାନ କରିପାରିବେ
- ବିପଦଗ୍ରସ୍ତ ସଂପ୍ରଦାୟ ଓ କର୍ମଚାରୀମାନଙ୍କ ପାଇଁ ସମର୍ଥନ ଏବଂ ପ୍ରତିନିଧିତ୍ୱ ପ୍ରଦାନ କରିବା ପାଇଁ ବେସରକାରୀ ସଂସ୍ଥା ଓ କର୍ମଚାରୀମାନଙ୍କ ପ୍ରତିନିଧିମାନେ ଏହି ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ ଭାବେ ବ୍ୟବହାର କରିପାରିବେ
- ବ୍ୟବସାୟଗୁଡ଼ିକର କାର୍ଯ୍ୟ, ସପ୍ଲାଇ ଚେନ୍ ଏବଂ ଅନ୍ୟାନ୍ୟ ବ୍ୟବସାୟ ସମ୍ବନ୍ଧ ଦ୍ୱାରା ମାନବାଧିକାର ସମ୍ମାନ ଓ ପ୍ରତିକାରକୁ ଦୀର୍ଘକାଳୀନ ଏବଂ ଧାରଣୀୟ କରିବା ପ୍ରତି ସମାଧାନ ବ୍ୟବସ୍ଥା ଯୋଗଦାନ କରେ

ଅଣ-ନ୍ୟାୟିକ ମାନବାଧିକାର ସମାଧାନ ବ୍ୟବସ୍ଥା ପ୍ରକଳ୍ପ ହେଉଛି ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟ, ମୋନାଶ୍ ବିଶ୍ୱବିଦ୍ୟାଳୟ, ନିଉକାଷ୍ଟଲ୍ ବିଶ୍ୱବିଦ୍ୟାଳୟ, ଆରଏମ୍‌ଆଇଟି ବିଶ୍ୱବିଦ୍ୟାଳୟ, ଡେଇକିନ୍ ବିଶ୍ୱବିଦ୍ୟାଳୟ ଏବଂ ଏସେକ୍ସ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏକ ଶୈକ୍ଷିକ ଗବେଷଣା। ପ୍ରୋଜେକ୍ଟ ପାଇଁ ପାଣ୍ଠି ବ୍ୟବସ୍ଥା ଅଷ୍ଟ୍ରେଲୀୟ ଗବେଷଣା ପରିଷଦ କରିଥିଲା ଯେଉଁଥିରେ କୋର୍ କୋଏଲିସନ୍ ୟୁକେ, ହୋମ୍‌ୱାର୍କର୍ସ ୱାର୍ଲଡୱାଇଡ୍, ଅକ୍ସଫାମ୍ ଅଷ୍ଟ୍ରେଲିଆ ଏବଂ ଆକ୍ସନଏଡ୍ ଅଷ୍ଟ୍ରେଲିଆ ସମେତ ଅନେକ ବେସରକାରୀ ସଂଗଠନର ସହଯୋଗ ଥିଲା। ଟିମ୍‌ର ପ୍ରମୁଖ ଗବେଷକମାନଙ୍କ ମଧ୍ୟରେ ଥିଲେ ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସ, ଡଃ. ଟିମ୍ କୋନ୍ନର, ଡଃ. ଆନି ଡେଲାନି, ପ୍ରଫେସର ଫିଓନା ହେନ୍ସ, ଡଃ. କେଟ୍ ମ୍ୟାକ୍‌ଡୋନାଲ୍ଡ, ଡଃ. ଶେଲୀ ମାର୍ଶାଲ, ମେ ମିଲର-ଡକିନ୍ସ ଏବଂ ସାରାହ ରେନି। ଡଃ. କେଟ୍ ମ୍ୟାକ୍‌ଡୋନାଲ୍ଡ ଏବଂ ଡଃ. ଶେଲୀ ମାର୍ଶାଲଙ୍କ ଦ୍ୱାରା ପ୍ରକଳ୍ପ ସଂଯୋଜିତ ହୋଇଥିଲା। ପ୍ରାସଂଗିକ ବିତର୍କ ପ୍ରତି ଏହି ରିପୋର୍ଟ ମୁକ୍ତ ବିଦ୍ୱାନ ଭାବେ ପ୍ରତିନିଧିତ୍ୱ କରେ। ଦୃଷ୍ଟିଭଙ୍ଗୀଗୁଡ଼ିକ ଲେଖକଙ୍କର ଅଟେ ଏବଂ ଯେଉଁ ସଂସ୍ଥାମାନେ ସହଯୋଗ ସମର୍ଥନ କରିଛନ୍ତି ସେମାନଙ୍କର ନୁହେଁ।

ଏହି ରିପୋର୍ଟର ଲେଖକ ହେଉଛନ୍ତି ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସ।

ଏହି ରିପୋର୍ଟ ସମ୍ବନ୍ଧିତ ପତ୍ରାଳାପ ପାଇଁ ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସଙ୍କୁ Sam.b@deakin.edu.au କିମ୍ବା @SbcsbcC(Twitter)ରେ ସିଧାସଳଖ ଯୋଗାଯୋଗ କରନ୍ତୁ।

# କାର୍ଯ୍ୟସଂପାଦନ ସାରାଂଶ

ପ୍ରତ୍ୟେକ ଦେଶ ଅର୍ଥନୈତିକ ସହଯୋଗ ଏବଂ ବିକାଶ 'ଓଇସିଡି'ର ଜଣେ ସଦସ୍ୟ ଏବଂ ଏହା ଏକ ଏନସିପି ଅଫିସ ସ୍ଥାପନ କରିବାକୁ ବାଧ ଅଟନ୍ତି, ଯାହାକି କମ୍ପାନୀଗୁଡ଼ିକ ଦ୍ୱାରା ହେଉଥିବା ଉଲ୍ଲଂଘନ ଅଭିଯୋଗ ଉପରେ ଶୁଣାଣି ଓ ସୂଚନାର ପ୍ରଚାର କରିବା ଦ୍ୱାରା ବହୁରାଷ୍ଟ୍ରୀୟ କମ୍ପାନୀ ପାଇଁ ଗାଇଡଲାଇନ୍ ('ଗାଇଡଲାଇନ୍') ପ୍ରଣୟନ କରିବାକୁ ଦାୟୀ ଅଟନ୍ତି। ଏହି ରିପୋର୍ଟ ଏନସିପିର ଆନୁଷ୍ଠାନିକ ବୈଶିଷ୍ଟ୍ୟର କେବଳ ଅନୁଧ୍ୟାନ କରିବା ବଦଳରେ କାର୍ଯ୍ୟରେ ସମାଧାନ କରିବାର ପ୍ରଚେଷ୍ଟା ଯାଂଚ୍ କରିବା ଦ୍ୱାରା ଏନସିପିଗୁଡ଼ିକର ପ୍ରଭାବକାରିତା ଏବଂ ଭୂମିକା ଉପରେ ଲେଖା ପ୍ରସ୍ତୁତ କରେ।

ଏହି ରିପୋର୍ଟରେ ଉପସ୍ଥାପିତ ବିଶ୍ଳେଷଣ ତିନିଟି ବିଭିନ୍ନ ସ୍ତରରେ ଘଟିଛି: ପ୍ରଥମ ସ୍ତରଟି ବିଭିନ୍ନ ଦେଶରୁ ଏନସିପିର ପ୍ରଦର୍ଶନର ଏକ ସାଧାରଣ ସମୀକ୍ଷା, ସାର୍ବଜନୀନ ଭାବେ ଉପଲବ୍ଧ ଡକୁମେଂଟାରି ତଥ୍ୟ ଉପରେ ଅଙ୍କିତ ଏବଂ ନିର୍ଦ୍ଦିଷ୍ଟ ଭାବେ ଶ୍ରେଷ୍ଠ ପ୍ରୟୋଗ ଉପରେ କେନ୍ଦ୍ରିତ ଅଟେ। ଦ୍ୱିତୀୟ ସ୍ତରଟି ଅଷ୍ଟ୍ରେଲୀୟ ଏବଂ ୟୁକେଏନସିପିର ସବିଶେଷ ସାଧାରଣ ସମୀକ୍ଷା ପ୍ରଦାନ କରେ। ତୃତୀୟ ସ୍ତରଟି  କାର୍ଯ୍ୟରେ ଦାବିର ଅଧିକ ଅନ୍ତରଙ୍ଗ ଯାଂଚ୍ ଆବଶ୍ୟକ କରେ। ଦାବି ଉପସ୍ଥାପନ କରାଯିବାର ସକ୍ରିୟ ଉପାୟ ଆବିଷ୍କାର ଏବଂ ଏନସିପି ଅଧିକ ଗଭୀରକୁ ଯାଇ ଅଭିଯୋଗର ପରିଚାଳନା କରିବାରେ ଆମକୁ ସମର୍ଥ କରିବା ପାଇଁ, ନ୍ୟାସନାଲ୍ କଂଟାକ୍ଟ ପଏଂଟ୍ରୁ ପ୍ରତିବିଧାନ ପାଇଁ ପ୍ରୟାସ କରିଥିବା ଦୁଇଟି ବିପଦଗ୍ରସ୍ତ ଏବଂ ଅପହଂଚ ଗୋଷ୍ଠୀଙ୍କ ବିଷୟ ଉପରେ ପ୍ରାଥମିକ ପରୀକ୍ଷାସିଦ୍ଧ ଗବେଷଣା ଏହି ରିପୋର୍ଟରେ ରହିଛି : ଯଥା ବେଦାନ୍ତ ଓ ପସ୍କୋ ମାମଲା।

ଏନସିପି ଅଧିକାଂଶତଃ ଜଟିଳ ଓ ସମ୍ବେଦନଶୀଳ ମାମଲାଗୁଡ଼ିକ ବିଚାରକୁ ନିଏ। ଏହି ରିପୋର୍ଟରେ ଆଲୋଚିତ ହୋଇଥିବା ଉଭୟ କେସ୍ ଷ୍ଟଡିରେ ଭାରତରେ ଓଡ଼ିଶା ରାଜ୍ୟରେ ବିପଦଗ୍ରସ୍ତ ଓ ଅପହଂଚ ଗୋଷ୍ଠୀର ମାନବାଧିକାର ଅଭିଯୋଗ ଅନୁଭୂତ ହୋଇଛି। ଗୋଷ୍ଠୀ ସଦସ୍ୟମାନେ ହିଂସାର ସମ୍ମୁଖୀନ ହୋଇଛନ୍ତି। କେତେକ ସଂଖ୍ୟାରେ ଗୋଷ୍ଠୀ ସଦସ୍ୟ ଓ ସେମାନଙ୍କର ସମର୍ଥକ ଯେଉଁମାନେ  ଉଭୟ କେସରେ ବ୍ୟବସାୟକୁ ବିରୋଧ କରିଛନ୍ତି ସେମାନେ ହତ୍ୟାର ଶିକାର ହୋଇଛନ୍ତି, ଅନେକ ଆହତ ହୋଇଛନ୍ତି କିମ୍ବା ଜେଲକୁ ପଠାଇ ଦିଆଯାଇଛି। ଏନସିପିରେ ଅଭିଯୋଗ ଦାୟର ହେବା ପୂର୍ବରୁ ଗୋଷ୍ଠୀ, ବ୍ୟବସାୟ ଏବଂ ସରକାର ମଧ୍ୟରେ ସଂଘର୍ଷ ବହୁ ବର୍ଷ ଧରି ଚାଲିଥିଲା। ଏହି ସଂଘର୍ଷ ଅତ୍ୟନ୍ତ ଚ୍ୟାଲେଂଜ୍‌ପୂର୍ଣ୍ଣ ଅନୁମେୟ। ଏହା ପ୍ରକ୍ରିୟାର ନମନୀୟତା, ଚିନ୍ତାଶୀଳତା ଓ ଜ୍ଞାନ-ନିପୁଣତାର ଉଚ୍ଚ ସ୍ତର ଆବଶ୍ୟକ କରେ।

ଏଭଳି ଜଟିଳତାର ପରିଚାଳନା କରିବାରେ ଦେଶ ଦେଶ ଭିତରେ ଏନସିପିର ଉପଯୋଗ ଭିନ୍ନ ହୋଇଥାଏ, କେତେକର ଅନ୍ୟ ତୁଳନାରେ ବ୍ୟବସ୍ଥାର ମାର୍ଗ ଅଧିକ ପ୍ରଭାବଶାଳୀ ହୋଇଥାଏ। ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା ମାନବାଧିକାର ଅତ୍ୟାଚାର ପୀଡ଼ିତଙ୍କୁ ପ୍ରଭାବଶାଳୀ ପ୍ରତିବିଧାନ ଯୋଗାଇ ଦେବାରେ ଏନସିପିର ଉଲ୍ଲେଖନୀୟ ସମ୍ଭଳ ରହିଛି। ବ୍ୟବସାୟ ଓ ମାନବାଧିକାର : ପ୍ରତିବିଧାନର ଅଧିକାର ନୀତିଗୁଡ଼ିକୁ ମାର୍ଗଦର୍ଶିତ କରୁଥିବା ମିଳିତ ଜାତିସଂଘର ତୃତୀୟ ସ୍ତମ୍ଭ ଭଳି ଏହା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଅଟେ। ଆମର ଗବେଷଣା ଦର୍ଶାଏ ଯେ ଏହି ସମାଧାନ ବ୍ୟବସ୍ଥାଗୁଡ଼ିକ ସରକାରର ଅଂଶ ହୋଇଥିବାରୁ ଏବଂ ନିର୍ଦ୍ଧାରଣଗୁଡ଼ିକ ସାଧାରଣତଃ ପ୍ରାସଙ୍ଗିକ ବିଶେଷଜ୍ଞ ମଣ୍ଡଳୀକୁ ନେଇ ଗଠିତ ହୋଇଥିବାରୁ, ତାହାର ବିଚାରଯୋଗ୍ୟ ବୈଧତା ରହିଛି, ଏବଂ ତାହା ଗଣମାଧ୍ୟମର ଦୃଷ୍ଟିଆକର୍ଷଣ କରିପାରେ ଓ ଯେଉଁମାନେ ବ୍ୟବସାୟ ଦ୍ୱାରା ମାନବାଧିକାର ଉଲ୍ଲଂଘନ ପାଇଁ ସମାଧାନ ଚାହୁଁଛନ୍ତି ସେମାନଙ୍କ ପାଇଁ ଉଦ୍ଦେଶ୍ୟ ସାଧନର ଉପାୟ ସୃଷ୍ଟି କରେ। ଏହି ଶକ୍ତି ସମ୍ଭଳ ଅନୁଭୂତ ହେବା ପାଇଁ, ଏନସିପି ଏହି ରିପୋର୍ଟରେ ବର୍ଣ୍ଣିତ ପ୍ରକାରେ ଅନେକ ସଶକ୍ତ ବିଷୟ ଆବଶ୍ୟକ କରେ।

ଅନ୍ୟାନ୍ୟ ବ୍ୟବସ୍ଥା ଓ ମାମଲାର ତୁଳନା କରିବା ବେଳେ, ଏନସିପିର ଛଅଟି ପ୍ରମୁଖ ଶକ୍ତି ରହିଛି, ଯାହା ଏହି ରିପୋର୍ଟରେ ବିସ୍ତୃତ ଭାବେ ଦିଆଯାଇଛି। ଏହି ଗୁଣବତାଗୁଡ଼ିକ ଅନ୍ୟ କେତେକ ଏନସିପି ଠାରୁ ଶକ୍ତିଶାଳୀ ଅଟେ। ଯେଉଁ

ଏନସିପିଗୁଡ଼ିକରେ ଏହି ଶକ୍ତିଗୁଡ଼ିକ ଅଧିକ ସୁସ୍ପଷ୍ଟ ଏବଂ କିପରି ଅନ୍ୟ ଦେଶଗୁଡ଼ିକର ଏନସିପି ସେମାନଙ୍କର ଶକ୍ତିସମ୍ବଳକୁ ପୂରଣ କରିବାରେ ବିଫଳ ହୋଇଛନ୍ତି ତାହା ଏହି ରିପୋର୍ଟରେ ବର୍ଣ୍ଣନା କରାଯାଇଛି। ଛଅଟି ଶକ୍ତି ହେଉଛି :

୧. ଅଭିଯୋଗ ଦାଖଲର ସହଜତା ଏବଂ ବ୍ୟାପକ ଆନୁଷ୍ଠାନିକ ନିୟମ
୨. ମାନବାଧିକାର ମାନକଗୁଡ଼ିକର ବ୍ୟାପକ ବ୍ୟାଖ୍ୟା
୩. ସପ୍ଲାଇ ଚେନ୍ ଏବଂ ପୁଂଜି ନିବେଶ ପାଇଁ ବ୍ୟବସାୟ ଦାୟିତ୍ୱର ସ୍ୱୀକୃତି
୪. ମାନବାଧିକାର ସମ୍ବନ୍ଧିତ ବ୍ୟବସାୟ ପାଇଁ କ୍ଷତି ହ୍ରାସ ନିମନ୍ତେ ସକାରାତ୍ମକ କାର୍ଯ୍ୟର ସ୍ୱୀକୃତି
୫. ତଥ୍ୟରେ ବୈଧତାର ଉଚ୍ଚ ମାତ୍ରା
୬. ମାମଲା ତୁଳନାରେ ବ୍ୟୟ-ସାପେକ୍ଷ ଏବଂ ସମୟୋଚିତ

ସମାଧାନ ପାଇଁ ଅଧିକ ପ୍ରଭାବଶାଳୀ ମାର୍ଗ ଦୃଷ୍ଟିରୁ ଏନସିପିଗୁଡ଼ିକୁ ଅନେକ ପରିମାଣରେ ଉନ୍ନତି କରିବା ଆବଶ୍ୟକ। ଏଥିମଧ୍ୟରୁ କେତେକ ଉନ୍ନତିର କ୍ଷେତ୍ର କାର୍ଯ୍ୟକାରୀ କରିବା ବ୍ୟୟସାପେକ୍ଷ ନୁହେଁ ଏବଂ ଏହା ସରକାରଙ୍କ ଦ୍ୱାରା ସହଜରେ ପ୍ରାପ୍ତ। ସାରାଂଶିତ ଭାବେ ଏଗୁଡ଼ିକ ଅନ୍ତର୍ଭୁକ୍ତ ଅଟେ :

୧. ସରକାରଙ୍କଠାରୁ ମୁକ୍ତ;
୨. ଉନ୍ନତ ସାଧନ ଉପାୟ କିମ୍ବା ପ୍ରବର୍ତନକ୍ଷମତା;
୩. ସରକାରଙ୍କ ସମନ୍ୱୟ ଭିତରେ;
୪. ଏନସିପିଗୁଡ଼ିକର ପାରସ୍ପରିକ ସମନ୍ୱୟ;
୫. ବ୍ୟବସାୟରେ ମାନବାଧିକାର କାର୍ଯ୍ୟପଦ୍ଧତିର ଦୀର୍ଘକାଳୀନ ଉନ୍ନତିକୁ ପ୍ରୋତ୍ସାହନ;
୬. ମଧ୍ୟସ୍ଥତା ଚୁକ୍ତିନାମାର ପରିଚାଳନା;
୭. ବିପଦଗ୍ରସ୍ତ ଗୋଷ୍ଠୀ ଓ କର୍ମଚାରୀମାନଙ୍କ ପାଇଁ ସୁଗମତା ବୃଦ୍ଧି କରିବା;
୮. ସ୍ୱଚ୍ଛତା; ଏବଂ
୯. ଏନସିପି ସନ୍ଧାନ ସମୀକ୍ଷାଗୁଡ଼ିକର ବାରମ୍ବାରତା।

ଆମର ଗବେଷଣା ପରାମର୍ଶ ଦିଏ ଯେ ସରକାରଙ୍କ ଦ୍ୱାରା ନିବିଡ଼ ଭାବେ କାର୍ଯ୍ୟ କରିବା ଓ ସମର୍ଥନ ଦ୍ୱାରା ଏନସିପିକୁ ମହତର ଫାଇଦା ରହିଛି। ଅବଶ୍ୟ ଏନସିପିଗୁଡ଼ିକର ସ୍ୱାଧୀନତା ନେଇ ଅବିଶ୍ୱାସ ରହିଛି ଏବଂ ଏହା ହୁଏତ ସେମାନଙ୍କର ପ୍ରଭୁତ୍ୱକୁ କ୍ଷତି ପହଂଚାଇପାରେ। ଓଇସିଡି ଦେଶମାନଙ୍କରେ ଏନସିପିଗୁଡ଼ିକର ଗଠନର ଗାଇଡଲାଇନ୍ ଅନୁସାରେ, ଏନସିପିଗୁଡ଼ିକୁ 'ନିର୍ଦ୍ଦିଷ୍ଟ ଦୃଷ୍ଟାନ୍ତ' ପ୍ରକ୍ରିୟା ମଧ୍ୟରେ ନିରପେକ୍ଷ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ତେବେ, ଏକ ଏନସିପିର ସଂରଚନା ଏବଂ ଅବସ୍ଥିତି ଏହା ଏକ ଅଭିଯୋଗକୁ କିପରି ପରିଚାଳନା କରେ ତାହାକୁ ପ୍ରଭାବିତ କରିପାରେ। କେତେକ ଏନସିପି, ଯେପରିକି ଅଷ୍ଟ୍ରେଲିଆର, ଏହା ଗୋଟିଏ ସରକାରୀ ବିଭାଗ ମଧ୍ୟରେ ରହିଛି ଏବଂ ଏହା ଦ୍ୱାରା ପରିଚାଳିତ ହୁଏ, ଏଣୁ ନିଷ୍ପତି ଏହି ବିଭାଗ ଭିତରେ ହିଁ ନିଆଯାଏ ଯାହାକି ସ୍ୱାର୍ଥ-ବିରୋଧୀ (କନଫ୍ଲିକ୍ଟ ଅଫ୍ ଇଂଟ୍ରେଷ୍ଟ) ଅଟେ। ଉଦାହରଣ, ଯଦି ଗୋଟିଏ କମ୍ପାନୀ ବିରୋଧରେ ଏକ ଅଭିଯୋଗ ଅଣାଯାଏ ଯାହାକି ଏକ ସରକାରୀ କଂଟ୍ରାକ୍ଟର, କିମ୍ବା ସରକାର ନିର୍ଦ୍ଦିଷ୍ଟ ବିଦେଶୀ ନୀତି ପାଳନ କରୁଛନ୍ତି ଅବା ଇଣ୍ଡଷ୍ଟ୍ରି ଅଭିବୃଦ୍ଧି ଚାହୁଁଛନ୍ତି, ଏହା ନିର୍ଦ୍ଦିଷ୍ଟ ଘଟଣାରେ ସ୍ୱାର୍ଥ-ବିରୋଧୀ ହୋଇପାରେ। ପ୍ରତ୍ୟେକ ଓଇସିଡି ଦେଶକୁ ସୁନିଶ୍ଚିତ କରିବାକୁ ହେବ ଯେ ସରକାରୀ ସମର୍ଥନ ଓ ଅଥରିଟି ସୁବିଧା ବିନା ଏହି କନଫ୍ଲିକ୍ଟ ଅଫ୍ ଇଂଟ୍ରେଷ୍ଟକୁ ହ୍ରାସ କରିବା ପାଇଁ ଏନସିପିଗୁଡ଼ିକ ଉପଯୁକ୍ତ ଭାବେ କାର୍ଯ୍ୟ କରିବେ।

ଏନସିପିଗୁଡ଼ିକର ପ୍ରବର୍ତନକ୍ଷମତା ନାହିଁ କି କମ୍ପାନୀଗୁଡ଼ିକ ଉପରେ ଏହା ଅର୍ଥଦଣ୍ଡ ଲାଗୁ କରିପାରିବ ନାହିଁ କିମ୍ବା ପୀଡ଼ିତମାନଙ୍କୁ କ୍ଷତିପୂରଣ ପ୍ରଦାନ କରିପାରିବ ନାହିଁ। ଗାଇଡଲାଇନ୍ ଉଲ୍ଲଂଘନ କ୍ଷେତ୍ରରେ ଏନ୍‌ସିପିର ସୁପାରିସଗୁଡ଼ିକ ପାଳନ କରିବା କିମ୍ବା ଏନସିପି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର କୌଣସି ଆଇନଗତ ବାଧ୍ୟତା ନାହିଁ। ଯେପରିକି, ଏନ୍‌ସିପିଗୁଡ଼ିକ ଏକ ପ୍ରକଳ୍ପ ଅବା ଅନ୍ୟ ବ୍ୟବସାୟ କାର୍ଯ୍ୟକଳାପ ଯାହା ଏକ ବ୍ୟକ୍ତିବିଶେଷ କିମ୍ବା ସଂପ୍ରଦାୟର ମାନବାଧିକାର ଲଂଘନ କରେ ତାହାକୁ ବନ୍ଦ କରିବା ପାଇଁ କ୍ୱଚିତ୍ ଉପଯୋଗୀ ଅଟେ। ତେବେ ଆମର ଗବେଷଣା ପରାମର୍ଶ ଦିଏ ଯେ, ଯେତେବେଳେ ଅନ୍ୟାନ୍ୟ ସମାଧାନମୂଳକ ଆଲୋଚନାଗୁଡ଼ିକ ଫଳହୀନ ହୁଏ ଏବଂ ଅଭିଯୋଗକାରୀଗଣ 'କିପରି' ଏକ ବ୍ୟବସାୟ କାର୍ଯ୍ୟ କରୁଛି ତାହା ଉପରେ ଚିନ୍ତାବ୍ୟକ୍ତ କରନ୍ତି ସେପରି ସ୍ଥଳେ ଏନସିପିଗୁଡ଼ିକ ଆଲୋଚନା ପାଇଁ ମହତ୍ୱପୂର୍ଣ୍ଣ ପଥ ଉନ୍ମୁକ୍ତ କରେ।

ସରକାରୀ କଳ ଭିତରେ ଅବସ୍ଥିତ ଥିବାରୁ ବ୍ୟବସାୟ ଆଚରଣକୁ ପ୍ରଭାବିତ କରିବା ପାଇଁ ବୃହତର ସାଧନ ଉପାୟ ରୂପରେ ଏନସିପିଗୁଡ଼ିକ ସ୍ୱତନ୍ତ୍ର ଭାବେ ରହିଥାଏ। ଏହି ଧରଣର ସାଧନ ଉପାୟଗୁଡ଼ିକ ମଧ୍ୟରେ ଆମଦାନୀ ଅବା ରପ୍ତାନୀ ଲାଇସେନ୍ସ ଉପରେ ରହିତାଦେଶ, ସରକାରୀ ଉପସଂସ୍ଥା କିମ୍ବା ସହାୟତାକୁ ରୋକିବା କିମ୍ବା ସରକାରୀ ସଂଗ୍ରହଣରୁ ଅଯୋଗ୍ୟ କରିବା ଅନ୍ତର୍ଭୁକ୍ତ ହୋଇପାରେ। ଯଦି ଏନସିପିଗୁଡ଼ିକ ଦୋଷୀଙ୍କୁ ଦଣ୍ଡିତ କରିବା ଏବଂ ବ୍ୟବସାୟ ଆଚରଣକୁ ପରିଚାଳନା କରିବା ଅର୍ଥରେ ବ୍ୟବହାର କରାଯାଏ, ତେବେ ମାନବାଧିକାର ପ୍ରତିବିଧାନ ଓ ଉଦ୍ଦେଶ୍ୟ ସାଧନ ଦୃଷ୍ଟିରୁ ଏହା ଅତ୍ୟନ୍ତ ଶକ୍ତିଶାଳୀ ହୁଅନ୍ତା।

କେବଳ ଏକ ଅଭିଯୋଗର ସମାଧାନ ନୁହେଁ, ବରଂ ଦୀର୍ଘକାଳୀନ ପରିବର୍ତନକୁ ପ୍ରୋତ୍ସାହନ ଦେବା ପାଇଁ ବୃହତର ସାଧନ ଉପାୟ ବ୍ୟବହାର ହେବା ଉଚିତ୍। ଏହି ସିରିଜ୍‌ରେ ରହିଥିବା ଅନ୍ୟାନ୍ୟ ରିପୋର୍ଟରେ ଦର୍ଶାଯାଇଛି ଯେ ମାନବାଧିକାରକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ବ୍ୟବସ୍ଥା ଓ ପ୍ରକ୍ରିୟା କମ୍ପାନୀ ମଧ୍ୟରେ କର୍ପୋରେଟ୍ ଉତରଦାୟିତ୍ୱ ବ୍ୟାପକ ଭାବେ ପାଳନ ହେବା କିମ୍ବା ମାନବାଧିକାର ମାନକଗୁଡ଼ିକର ବ୍ୟାପକ ଭାବେ ଗ୍ରହଣୀୟତାର ପ୍ରଦର୍ଶନ ଆବଶ୍ୟକ କରେ। ଏହି ପ୍ରକ୍ରିୟାଗୁଡ଼ିକର ଉଦ୍ୟୋଗର ମାନବାଧିକାର ପ୍ରଦର୍ଶନ ଉପରେ ଏହାର ବହୁ ଅଧିକ ସକାରାତ୍ମକ ପ୍ରଭାବ ରହିପାରେ। ଯଦି ଏନସିପି କେବଳ ଗୋଟିଏ ଘଟଣାର ସମାଧାନ କରିବାରେ ଜାରି ରହେ, ତେବେ ଦୀର୍ଘକାଳୀନ ଭାବେ ସମଗ୍ର ବ୍ୟବସାୟରେ ଉନ୍ନତ ମାନବାଧିକାର କାର୍ଯ୍ୟକାରିତାକୁ ପ୍ରୋତ୍ସାହନ ଦେବା ନେଇ ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ହରାଇବେ। ଆହୁରି ବିପଦ ହେଉଛି, ଏନସିପିଗୁଡ଼ିକ ଅନିଚ୍ଛାକୃତ ଭାବେ ହାନୀକାରକ ମାନବାଧିକାର ପଦ୍ଧତିଗୁଡ଼ିକ ଦୃଢ଼ ଭାବେ ସ୍ଥାପନ କରିବ। ଏହି ରିପୋର୍ଟରେ ଗୋଟିଏ କେସ୍ ଷ୍ଟଡିର ଉଦାହରଣ ହେଉଛି, ପସ୍କୋ ଏହା ବିରୋଧରେ ଏନସିପି ଅଭିଯୋଗ ଆସିବା ପରେ କେତେକ ସ୍ୱେଚ୍ଛାକୃତ ମାନବାଧିକାର ପ୍ରତିଶ୍ରୁତି ବିକଶିତ କରିଥିବା ଆମେ ଜାଣିବାକୁ ପାଇଥିଲୁ। ତେବେ, ଏହା ଫଳରେ ସାରା ଭାରତରେ ଅର୍ଥାତ୍ ଯେଉଁ ଦେଶରେ ଅଭିଯୋଗ ଆସିଥିଲା ସେଠାରେ ଏହାର ବ୍ୟବସାୟରେ କୌଣସି ବାସ୍ତବ ପରିବର୍ତନ ହୋଇନଥିଲା। ବରଂ, ଏନସିପି ସହିତ ନିୟୋଜିତ ହେବାର ଅନୁଭବ ଯୋଗୁଁ ପସ୍କୋ ଏହାର କାର୍ଯ୍ୟ ଦ୍ୱାରା ପ୍ରଭାବିତ ଗୋଷ୍ଠୀମାନଙ୍କ ସହିତ ପାରସ୍ପରିକ କ୍ରିୟାରେ କୌଣସି ବାସ୍ତବ ପରିବର୍ତନ ବିନା ସମାଲୋଚନାକୁ ବିଚ୍ୟୁତ କରିବାର ମାଧ୍ୟମଗୁଡ଼ିକ ଦ୍ୱାରା ନିଜକୁ ସଜ୍ଜିତ କରିଥାଇପାରେ।

ଏହି ପ୍ରକାର ଦୀର୍ଘକାଳୀନ ପରିବର୍ତନକୁ ହାସଲ କରିବା ପାଇଁ, କେବଳ ସରକାରୀ ବିଭାଗ ମଧ୍ୟରେ ନୁହେଁ ବରଂ ଯେଉଁଠାରେ କ୍ଷତି ଘଟିଛି ସେହି ଦେଶର ସରକାରଙ୍କ ସହିତ ସମନ୍ୱୟ ଆବଶ୍ୟକ। ସୂଚନା ପ୍ରଦାନ, ମଧ୍ୟସ୍ଥତା ପ୍ରକ୍ରିୟାରେ ଫ୍ୟାକ୍ଟ-ଫାଇଣ୍ଡିଂ ମିସନକୁ ସହଯୋଗ କରିବା, ଉପଲବ୍ଧ ତଥ୍ୟର ଆଲୋଚନାକୁ ଜଣାଇବା ଏବଂ ବିଭିନ୍ନ ଅନ୍ୟ ପ୍ରକାର ଅର୍ଥପୂର୍ଣ୍ଣ ଉପାୟ ମାଧ୍ୟମରେ ଏହା ଘଟିପାରେ।

ଏନସିପିଗୁଡ଼ିକର ଅନ୍ୟତମ ଶକ୍ତି ହେଉଛି ଅଭିଯୋଗ ଦାଖଲର ସହଜତା ଏବଂ ବ୍ୟାପକ ଆନୁଷ୍ଠାନିକ ନିୟମ। ଆନୁଷ୍ଠାନିକ ସର୍ତ୍ତରେ, ଏନସିପି ଅତ୍ୟଧିକ ସହଜସାଧ୍ୟ ଅଟେ। ତେବେ, ଅପ୍ରଚୁର ଫଣ୍ଡିଂ ପ୍ରତିବିଧାନରେ ସହାୟତା ପାଇବା ପାଇଁ ଚାହୁଁଥିବା ବିପଦଗ୍ରସ୍ତ ଗୋଷ୍ଠୀ ପାଖରେ ଆଉଟରିଚ୍ ପ୍ରଦାନ କରିବାରେ ଏନସିପିର କ୍ଷମତାକୁ ହ୍ରାସ କରେ। ଏହା ମଧ୍ୟ ଅନୁସନ୍ଧାନ କରିବାରେ ତାହାର ଦକ୍ଷତାକୁ ସଂକୁଚିତ କରେ ଯାହାକି ପ୍ରମାଣ ଉପସ୍ଥାପନ କରିବାରେ ବିପଦଗ୍ରସ୍ତ ଗୋଷ୍ଠୀ ପାଇଁ ବାଧାଗୁଡ଼ିକ ଦୂର କରିପାରେ। ଏହା ଅଭିଯୋଗର ଘଟଣାସ୍ଥଳରେ ଫଲୋଅପ୍ ମିଟିଂ ଅବା ମଧ୍ୟସ୍ଥତା କରିବାରେ ଏନସିପିଗୁଡ଼ିକର ଦକ୍ଷତାକୁ ନିୟନ୍ତ୍ରଣ କରେ। ବ୍ୟବହାରତଃ, ଏହା ଏନସିପିଗୁଡ଼ିକୁ କମ୍ ପହଂଚ ପ୍ରଦାନ କରେ। ଏହି ରିପୋର୍ଟରେ ଆଲୋଚିତ ହୋଇଥିବା ଦୁଇଟି କେସ୍ ଷ୍ଟଡି ଦର୍ଶାଏ ଯେ ବହୁରାଷ୍ଟ୍ରୀୟ କମ୍ପାନୀ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକମାନେ ଅପହଂଚ ସ୍ଥାନରେ ବାସ କରନ୍ତି, ଏବଂ ଅଭିଯୋଗର ସମାଧାନ ବ୍ୟବସ୍ଥା ସଂପର୍କରେ ଏନସିପିର ମାର୍ଗଗୁଡ଼ିକ ବିଷୟରେ ସେମାନେ ଜାଣିବାର ସୁଯୋଗ ଅତି ନଗଣ୍ୟ ଅଟେ। ଏହି ବ୍ୟବସ୍ଥା ସଂପର୍କରେ ଏହି ଲୋକମାନଙ୍କୁ ସହାୟତା ପ୍ରଦାନ କରାନଗଲେ, ସେମାନଙ୍କ ଦାବି ବା ଅଭିଯୋଗ ପ୍ରସ୍ତୁତ କରିବାରେ ସାହାଯ୍ୟ ନ କଲେ, ଏହି ଗୁରୁତର ସମାଧାନ ବ୍ୟବସ୍ଥା ସେମାନେ ହରାଇବେ। ଆମର ଗବେଷଣା ଜଣାଏ ଯେ କମ୍ ପାଣ୍ଠି ପାଇଥିବା ଏନସିପି ତୁଳନାରେ ଅଧିକ ପାଣ୍ଠି ପାଇଥିବା ଏନସିପିଗୁଡ଼ିକ ଅନେକ ବିବାଦ ପରିଚାଳନା କରିଛନ୍ତି। ଏହାର ଅର୍ଥ ନୁହେଁ ଯେ ଦେଶରେ ବହୁରାଷ୍ଟ୍ରୀୟ ଉଦ୍ୟୋଗ ଆଧାରିତ ଭଲ ଭାବେ ପାଣ୍ଠି ପାଇଥିବା ଏନସିପିର ମାନବାଧିକାର ରେକର୍ଡ ଅତି ଖରାପ, ବରଂ ସେହି ଏନସିପିଗୁଡ଼ିକ ଅଧିକ ସକ୍ରିୟ ଏବଂ ସୁଲଭ ଅଟନ୍ତି। ଅଧିକାଂଶ ଏନସିପିଗୁଡ଼ିକ ଅଭିଯୋଗକାରୀ ଏବଂ ବ୍ୟବସାୟ ପ୍ରତିବାଦୀଙ୍କ ମଧ୍ୟରେ କ୍ଷମତା ଓ ସମ୍ବଳରେ ବୈଷମ୍ୟର ବିନା ସ୍ୱୀକୃତିରେ କାର୍ଯ୍ୟ କରନ୍ତି। ସେହି ବୈଷମ୍ୟକୁ ବିଚାର କରିବାରେ ବିଫଳତା ନ୍ୟାୟ ଚାହୁଁଥିବା ବ୍ୟକ୍ତି ବା ଗୋଷ୍ଠୀଙ୍କୁ ନ୍ୟାୟ ଦେବାରେ ଏନସିପିଗୁଡ଼ିକର କ୍ଷମତାକୁ ଅଧିକ ହ୍ରାସ କରେ।

ଏନସିପିଗୁଡ଼ିକ ଅନ୍ୟ ଦେଶରେ ଥିବା ଏନସିପି ମଧ୍ୟରେ ମହତର ସମନ୍ୱୟ ଓ ନିୟମିତ ସମୀକ୍ଷା ମାଧ୍ୟମରେ ସେମାନଙ୍କର ଉତରଦାୟିତ୍ୱ ଏବଂ ପ୍ରଭାବକାରିତାକୁ ବୃଦ୍ଧି କରିପାରିବେ। ଏହି ରିପୋର୍ଟରେ ପସ୍କୋ ମାମଲା ପରୀକ୍ଷିତ ହୋଇଛି, ଯାହାକି ତିନିଟି ଏନସିପିକୁ ଅଭିଯୋଗ ହସ୍ତାନ୍ତର ହୋଇଛି, ସମାନ ଅଭିଯୋଗ ଜଣାଯାଇଥିବା ବେଳେ ଏନସିପିଗୁଡ଼ିକ ମଧ୍ୟରେ ସମନ୍ୱୟର ବିଫଳତାରୁ ସମସ୍ୟା ପ୍ରଦର୍ଶିତ ହୋଇଛି। ଗାଇଡଲାଇନର ଅସଙ୍ଗତିପୂର୍ଣ୍ଣ ପ୍ରୟୋଗ ଏନସିପିଗୁଡ଼ିକର ବୈଧତା ଏବଂ ଅଧିକାରକୁ ହ୍ରାସ କରିଛି। ଏହି ପ୍ରକାରର ସମସ୍ୟାକୁ ଟାଳିବା ଏବଂ ଏନସିପିଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ପ୍ରୟୋଗର ବିନିମୟକୁ ବୃଦ୍ଧି କରିବାର ଏକମାତ୍ର ଉପାୟ ହେଉଛି ସହକର୍ମୀ ସମୀକ୍ଷା ।

ପରିଶେଷରେ, ଏହି ରିପୋର୍ଟ ସମାଧାନର ମାର୍ଗଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରି କିପରି ଏନସିପିଗୁଡ଼ିକୁ ଶକ୍ତିଶାଳୀ କରାଯାଇପାରିବ ସେ ନେଇ ଅନେକ ସୁପାରିସ ପ୍ରସ୍ତୁତ କରିଛି। ଆଶା କରାଯାଏ କି ଏହି ପ୍ରସ୍ତାବଗୁଡ଼ିକ ଭବିଷ୍ୟତର ସଂସ୍କାର ପ୍ରକ୍ରିୟାରେ ମହତ ଯୋଗଦାନ କରିବ। ରାଜନୈତିକ ଇଚ୍ଛାଶକ୍ତି ସମାଧାନର ପନ୍ଥା ଭାବେ ଏନସିପିର ପ୍ରଭାବଶୀଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ, ଏବଂ ତଦନୁସାରେ ଏନସିପିଗୁଡ଼ିକ ଶକ୍ତିଶାଳୀ କରିବା ପ୍ରତ୍ୟେକ ଓଇସିଡି ଦେଶରେ ମାନବାଧିକାରର ବାସ୍ତବ ଚିନ୍ତା ଉପରେ ନିର୍ଭର କରେ। ଏନସିପିଗୁଡ଼ିକ ଅଧିକାଂଶତଃ ଓଇସିଡି ଦେଶମାନଙ୍କରେ କମ୍ପାନୀଗୁଡ଼ିକ ଦ୍ୱାରା ହେଉଥିବା ମାନବାଧିକାର ଉଲ୍ଲଂଘନ କ୍ଷେତ୍ରରେ ନ୍ୟାୟ ଚାହୁଁଥିବା ପୀଡ଼ିତ ବ୍ୟକ୍ତିବିଶେଷଙ୍କୁ କେବଳ ମାର୍ଗ ଦେଖାଏ। ଏହା ମହତ୍ୱପୂର୍ଣ୍ଣ ଅଟେ, ଏଣୁ ବ୍ୟବସାୟ ଓ ମାନବାଧିକାର କ୍ଷେତ୍ରରେ ସେମାନଙ୍କର ସମ୍ଭାବିତ ପ୍ରଭାବକୁ ଉପଲବ୍ଧି କରିବା ନିମନ୍ତେ ସରକାର ଉପଯୁକ୍ତ ସମ୍ବଳ ପ୍ରଦାନ କରିବା ଉଚିତ୍।